To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ପ୍ରଥମ ଟେଷ୍ଟରେ ଶତକ ହାସଲ କରିବା ପରେ ପୃଥ୍ୱୀ ଶୋଙ୍କୁ ସବୁଠି ପ୍ରଶଂସା

R.N.I. No.-42041/83 Vol-16, Issue No.100, ଭଦ୍ରକ, ଶୁକ୍ରବାର, ୫, ଅକ୍ଟୋବର ୨୦୧୮ ■ Bhadrak, Friday, 5 October 2018 Rs. 2.00 Pages-8

ଗ୍ରାହକଙ୍କୁ ବଡ଼ ଆଶ୍ୱସ୍ତି

ଓଡ଼ିଶାରେ କେବେ ?

- ପେଟ୍ରୋଲ-ଡିଜେଲ ଲିଟର ପ୍ରତି କେନ୍ଦ୍ର କମାଇଲା ୨ଟଙ୍କା ୫0 ପଇସା
- ବିଜେପି ଶାସିତ ରାଜ୍ୟରେ ଲିଟର ପ୍ରତି କମିବ ୫ଟଙ୍କା
- ବ୍ୟକ୍ତିର ମୃତ୍ୟୁଦଣ୍ଡକୁ କୋହଳ କରିବା ଆଜୀବନ କାରାଦଣ୍ଡ ସହ ତୁଳନା କଲା କଂଗ୍ରେସ
- କେନ୍ଦ୍ର ନିଷ୍ପତ୍ତିର ମିଶ୍ରିତ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୪।୧୦ : ଗ୍ରାହକଙ୍କୁ ମିଳିଛି ବଡ ଆଶ୍ୱସ୍ତି । ଗତ କିଛିଦିନ ହେବ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁଁ ପେଷି ହେଉଥିବା ଉପଭୋକ୍ତାମାନଙ୍କୁ କେନ୍ଦ୍ର ସରକାର ଦର ହ୍ରାସ କରି ଆଶ୍ୱସ୍ତି ଦେଇଛନ୍ତି । ପେଟ୍ରୋଲ୍-ଡିଜେଲ୍‌ର ବୃଦ୍ଧି ପାଉଥିବା ଦରକୁ ନେଇ ଚିନ୍ତିତ କେନ୍ଦ୍ର ସରକାର ଆଜି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ଯେ ସରକାର ଏସବୁ ଇନ୍ଧନ ଉପରେ ଲାଗୁ ହେଉଥିବା ଉତ୍ପାଦ ଶୁଳ୍କରୁ ଲିଟର ପ୍ରତି ୧.୫୦ଟଙ୍କା ହ୍ରାସ କରିଛନ୍ତି । ଏତଦ୍‌ବ୍ୟତୀତ ତୈଳ କମ୍ପାନୀମାନେ ମଧ୍ୟ ଲିଟର ପ୍ରତି ୧ ଟଙ୍କା ହ୍ରାସ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଫଳରେ ପେଟ୍ରୋଲ୍-ଡିଜେଲ୍‌ର ଦର ଲିଟର ପ୍ରତି ୨.୫୦ ଟଙ୍କା କମିଯିବ ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟମାନେ ମଧ୍ୟ ଲିଟର ପ୍ରତି ୨.୫୦ ଟଙ୍କା ହ୍ରାସ କରିବାକୁ ସେ ଅନୁରୋଧ କରିବେ । ଉତ୍ପାଦ ଶୁଳ୍କ ହ୍ରାସ କାରଣରୁ ସରକାର ଚଳିତ ଆର୍ଥିକ ବର୍ଷରେ ୧୦,୫୦୦ କୋଟିର କ୍ଷତି ସହିବେ ବୋଲି ସେ ଦର୍ଶାଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ତୈଳ ଦର ଏପରି ବୃଥିବାରୁ ଏହାର ସମାଧାନ ପାଇଁ ଏକ କମିଟି ଗଠନ କରାଯାଇଛି । ଅନ୍ତର୍ଜାତୀୟ ବଜାରରେ ଅଣବିଶୋଧିତ ତୈଳର ମୂଲ୍ୟ ବୃଦ୍ଧି କାରଣରୁ ଦର ଏପରି ଲଗାତାର ବୃଥିବା ସେ ଜଣାଇଛନ୍ତି । ଏହା ଲୋକଙ୍କ କ୍ରୟଶକ୍ତି ବାଉଥିବାରୁ ତୈଳ ଦରବୃଦ୍ଧିକୁ ଗୁଡ୍ ଇକନୋମିକ୍ସ' ବୋଲି ଦର୍ଶାଇଛନ୍ତି ଜେଟ୍‌ଲୀ । ତେବେ ବିଜେପି ଶାସିତ ରାଜ୍ୟମାନେ ଆହୁରି ୨ଟଙ୍କା ୫୦ ପଇସା କମାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି । ଆଉ ଏଭଳି ପ୍ରକ୍ରିୟା ଆରମ୍ଭ ହୋଇଛି ମହାରାଷ୍ଟ୍ର, ଗୁଜରାଟ, ଉତ୍ତରପ୍ରଦେଶ, ତ୍ରିପୁରା, ଝାଡ଼ଖଣ୍ଡ ଏବଂ ମଧ୍ୟପ୍ରଦେଶ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଘୋଷଣାରୁ । ଏପରିକି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ମଧ ଘୋଷଣା କରି କହିଛନ୍ତି ସମସ୍ତ ବିଜେପି ଶାସିତ ରାଜ୍ୟ ପେଟ୍ରୋଲ୍-ଡିଜେଲ୍‌ରେ ଲାଗୁ ହେଉଥିବା ଭ୍ୟାଟ୍‌ରେ ରିହାତି ଦେବେ । କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଘୋଷଣା ଏବଂ ରାଜ୍ୟମାନଙ୍କୁ ଦେଇଥିବା ପ୍ରସ୍ତାବର କିଛି ମିନିଟ୍ ମଧ୍ୟରେ ଲିଟର ପ୍ରତି ୨.୫୦ ଟଙ୍କାର ଟିକସ ରିହାତି ଦେବାପାଇଁ ଏସବୁ ରାଜ୍ୟରୁ ସହମତି ପ୍ରକାଶ ପାଇଛି । ଏହି କ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ଏହି ନିଷ୍ପତ୍ତି ସାଧାରଣ ନାଗରିକଙ୍କ ପାଇଁ ଆଶ୍ୱସ୍ତି ଆଣିଦେବ ବୋଲି କହିଛନ୍ତି । ସେହିଭଳି ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ କହିଛନ୍ତି, ଅର୍ଥମନ୍ତ୍ରୀଙ୍କ ପ୍ରସ୍ତାବକୁ ସକାରାତ୍ମକଭାବେ ବିଚାର କରି ଗୁଜରାଟ ସରକାର ୨.୫୦ ଟଙ୍କାର ଟିକସ ରିହାତି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏହାଫଳରେ ଗୁଜରାଟରେ ପେଟ୍ରୋଲ୍-ଡିଜେଲ୍‌ର ଦର ୫ ଟଙ୍କା ଶସ୍ତା ହୋଇପାରିବ ।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ପେଟ୍ରୋଲ୍ ଉପରେ ୧୯.୪୮ ଟଙ୍କା ଏବଂ ଡିଜେଲ୍ ଉପରେ ୧୫.୩୩ ଟଙ୍କା ଉତ୍ପାଦ ଶୁଳ୍କ ଲଗାଇଥାଏ । ରାଜ୍ୟଗୁଡ଼ିକ ମଧ୍ୟ ଏହା ଉପରେ ଭ୍ୟାଟ୍ ଲଗାଇଥାଆନ୍ତି । ମୁମ୍ବାଇରେ ପେଟ୍ରୋଲ୍‌ରେ ଏହି ଭ୍ୟାଟ୍‌ର ପରିମାଣ ସର୍ବାଧିକ ୩୯.୧୨ ପ୍ରତିଶତ ଏବଂ ଦିଲ୍ଲୀରେ ୧୭.୨୪ ପ୍ରତିଶତ । ବିହାର, କେରଳ ଏବଂ ପଞ୍ଜାବର ସ୍ଥିତି ଯାହା ସେମାନେ ଏତେ ସହଜରେ ଭ୍ୟାଟ୍ ହ୍ରାସ କରିବା ଭଳି ଲାଗୁ ନାହିଁ । ବର୍ତ୍ତମାନ ଓଡ଼ିଶା ସରକାର ପେଟ୍ରୋଲ୍ ଉପରେ ୨୪.୨୬ ପ୍ରତିଶତର ଭ୍ୟାଟ୍ ଲାଗୁ କରିଛନ୍ତି ଏବଂ ଡିଜେଲ୍ ଉପରେ ୨୫.୦୪ ପ୍ରତିଶତର ଭ୍ୟାଟ୍ ଲାଗୁ କରିଛନ୍ତି । ଏହାକୁ ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଅନ୍ୟମାନଙ୍କ ଭଳି ୨.୫୦ ଟଙ୍କାରୁ ଅଧିକ କମାଇଦେଲେ ମଧ୍ୟ ସେଭଳି କିଛି ରାଜସ୍ୱ ହାନି ହୋଇଯିବ ନାହିଁ । ଏପରି ହେଲେ ସାଧାରଣ ଜନତା ଲାଭବାନ ହୋଇପାରିବେ ବୋଲି ଅର୍ଥନୀତିଜ୍ଞ ମାନେ ପୂର୍ବରୁ ମଧ୍ୟ ମତ ପ୍ରକାଶ କରିଛନ୍ତି । ତେବେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ସମାଲୋଚନା କରିଛନ୍ତି । ସେମାନେ କହିଛନ୍ତି କି କୌଣସି ବ୍ୟକ୍ତି ମୃତ୍ୟୁଦଣ୍ଡ ପାଇବା ପରେ ତାହାକୁ ଆଜୀବନ **(ପୃଷ୍ଠା-୭)**

ଆୟାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

'ଜୀବନ ପ୍ରତି ବିପଦ ଥିଲେ ଜେଲ୍ ତୁମ ପାଇଁ ସୁରକ୍ଷିତ'

- ➢ ଜାମିନ ଖାରଜ
- ➢ ଗିରଫଦାରୀ ଆଶଙ୍କା ଅଧିକ

ନୂଆଦିଲ୍ଲୀ, ୪।୧୦ : ଲୋକଙ୍କ ଧାର୍ମିକ ଭାବନା ସହିତ ଖେଳ ଖେଳିବା ଅଭିଜିତ ଆୟାର ମିତ୍ରଙ୍କୁ ବହୁତ ମହଙ୍ଗା ପଡ଼ିଛି । ଅଭିଜିତଙ୍କୁ ଆଜି କଡ଼ା ଭର୍ତ୍ସନା କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏହା ସହିତ ତାଙ୍କର ଜାମିନ ନାମଞ୍ଜୁର ମଧ୍ୟ ହୋଇଛି । ଏବେ ଅଭିଜିତଙ୍କ ଗିରଫଦାରୀ ଆଶଙ୍କା ଅଧିକ ବଢ଼ିଯାଇଛି । ଓଡ଼ିଶାର ସଂସ୍କୃତି, ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ଏବଂ ଜଗନ୍ନାଥଙ୍କ ଐତିହ୍ୟ ନେଇ କଟୁ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟାର ମିତ୍ରଙ୍କ ଜାମିନ ଆବେଦନର ଆଜି ଶୁଣାଣୀ ହୋଇଛି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରିଛନ୍ତି । ପ୍ରଧାନ ବିଚାରପତି ରଞ୍ଜନ ଗଗୋଇ ତାଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି । ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରିଥିବା ଅଭିଜିତ ଆୟାର କୌଣସି ସୁରକ୍ଷା ପାଇଁ ଯୋଗ୍ୟ ନୁହଁନ୍ତି ବୋଲି ମୁଖ୍ୟ ନ୍ୟାୟାଧୀଶ କହିଛନ୍ତି । ଫଳରେ ଜୀବନ ପ୍ରତି ବିପଦଥିବା ଦର୍ଶାଇ ଜାମିନ ପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ଅଭିଜିତଙ୍କୁ ନିରାଶ ହେବାକୁ ପଡ଼ିଛି । ସୁପ୍ରିମ୍‌କୋର୍ଟ ଆହୁରି କହିଛନ୍ତି ଯେ ଯଦି ତୁମେ ଭାବୁଛ ତୁମ ଜୀବନ ପ୍ରତି ବିପଦ ରହିଛି ତେବେ ଜେଲ୍‌ରେ ରହିବା ତୁମ ପାଇଁ ସୁରକ୍ଷିତ ସ୍ଥାନ । ସୁପ୍ରିମକୋର୍ଟ ତାଙ୍କର ଜାମିନ ଆବେଦନକୁ ଖାରଜ କରିଛନ୍ତି । ଯଦି ସିଏ ଆସନ୍ତାକାଲି ସୁଦ୍ଧା କୋଣାର୍କ ଥାନାରେ ହାଜର ନ ହୁଅନ୍ତି ତେବେ ଅଭିଜିତଙ୍କ ଗିରଫ ହେବା ସ୍ପଷ୍ଟ ହୋଇଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ, କୋଟି କୋଟି ଓଆଙ୍କ ଭାବାବେଗ ସହିତ ଜିତ ଥିବା କୋଣାର୍କ ସୂର୍ଯ୍ୟମନ୍ଦିରର **(ପୃଷ୍ଠା-୭)**

ପୋଲାଭରମ୍ ପ୍ରସଙ୍ଗ

ଆଜି ରିପୋର୍ଟ ଦେବାକୁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୪।୧୦ (ସକାଳ ଖବର): ପୋଲାଭରମ୍ ପ୍ରସଙ୍ଗରେ ବ୍ୟାକ୍ ୱାଟର ଅନୁଧ୍ୟାନ୍ ଓ ଇନପ୍ୟାକ୍ଟ ରିପୋର୍ଟ ଦେବା ଏବଂ ପ୍ରକଳ୍ପର ସଠିକ୍ ଜଳ ଧାରଣ କ୍ଷମତା ନେଇ ରିପୋର୍ଟ ଦେବା ପାଇଁ ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତାକାଲି ସୁଦ୍ଧା ଏହି ରିପୋର୍ଟ ଦେବାପାଇଁ କୁହାଯାଇଛି। ପରିବେଶ ମଂଜୁରୀ ଉଲ୍ଲଂଘନ ଆବେଦନ ଉପରେ ଶୁଣାଣୀ କରି ସୁପ୍ରିମ୍ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ହିଂସାରେ ୧୧ ଗିରଫ

ଭୁବନେଶ୍ୱର, ୪।୧୦ (ସକାଳ ଖବର): ଧାଡ଼ି ଦର୍ଶନକୁ ନେଇ ଗତକାଲି ପୁରୀରେ ଘଟିଥିବା ହିଂସାକାଣ୍ଡ ଘଟଣାରେ ୧୧ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କୁ କୋର୍ଟ ଫରୱାର୍ଡ଼ କରାଯାଇଛି । ଗିରଫ ଅଭିଯୁକ୍ତମାନେ ତମାମ ସହରରେ ଜଳାପୋଡ଼ା କରିବା ସହ ଭଂଗାରୁଜା କରିଥିଲେ । ଏପରିକି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନ ଏବଂ ମନ୍ଦିର କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଭଂଗାରୁଜା କରିବା ସହ ଆସବାବ ପତ୍ର ନଷ୍ଟ କରିଥିଲେ । ଗତକାଲି ଘଟଣା ପରେ ଆଜି ପୁରୀ ଗସ୍ତରେ ଯାଇଥିବା ପୁଲିସ ମହାନିର୍ଦ୍ଦେଶକ ଡ. ଆର.ପି. ଶର୍ମା ଏବଂ ଆଇ.ଜି ଅମିତାଭ ଠାକୁର, ସୌମେନ୍ଦ୍ର ପ୍ରିୟଦର୍ଶୀ ପୁରୀ ପୁଲିସ ଅଧିକାରୀ ମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା କରିବା ପରେ ସେ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ, ଗତକାଲି ଯେଉଁଭଳି ଭାବରେ ଅଘଟଣ ଘଟିଲା ତାହା କେବେ କଳ୍ପନା କରାଯାଇନଥିଲା । ଏଥିରେ ଅସାମାଜିକ ଲୋକ ସାମିଲ ହୋଇଛନ୍ତି । ସରକାରୀ ସମ୍ପତି ବହୁତ ନଷ୍ଟ ହୋଇଛି । ସେମାନଙ୍କ ବିରୁଦ୍ଧରେ ଆଇନାନୁମୋଦିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସିସିଟିଭି ଫୁଟେଜ ଦେଖି ଆସାମୀ ମାନଙ୍କୁ ଖୋଜି ବାହାର କରାଯାଇ ଗିରଫ କରାଯିବ ବୋଲି ସେ କହିଥିଲେ ।

ଭାରତ ଗସ୍ତରେ ଆସିଥିବା ଋଷ ରାଷ୍ଟ୍ରପତି ଭ୍ଲାଦିମାର ପୁତିନ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନିଜ ସରକାରୀ ବାସଭବନକୁ ପାଛୋଟି ନେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ସାଳନ୍ଦୀରେ ବୁଡ଼ିଗଲେ ୨ଭଉଣୀ

ଜଣଙ୍କର ମୃତଦେହ ଉଦ୍ଧାର

ଭଦ୍ରକ,୪।୧୦(ସକାଳ ଖବର): ଏକ ଅଭାବନୀୟ ଘଟଣାକ୍ରମରେ ଭଦ୍ରକ ପୌରାଞ୍ଚଳ ସାଳନ୍ଦୀ ନଦୀର ହନୁମାନ ଘାଟରେ ୨ଜଣ ଭଉଣୀ ବୁଡ଼ି ଯାଇଥିବାବେଳେ, ଜଣଙ୍କର ମୃତ ଦେହ ଅଗ୍ନିଶମବାହିନୀ ଉଦ୍ଧାର କରିଛି। ଅନ୍ୟ ଜଣେ ନିଖୋଜ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଜଗନ୍ନାଥପୁର ବିଧାୟକଙ୍କ ଘର ନିକଟରେ ଥିବା ଆଦିବାସୀ କଲୋନୀର ଉଦେଶ ମାଝୀଙ୍କ ୨ଝିଅ ରାଧିକା(୪) ଓ ଲକ୍ଷ୍ମୀ(୭) ନିଜ ମା' ନନ୍ଦିନୀଙ୍କ ସହିତ ଅପରାହ୍ନ ୪ଟା ବେଳେ ମାଛ ଧରିବାକୁ ଯାଇଥିଲେ। ନୀକୂଳରେ ନପାଇ ଘରକୁ ପଳାଇଯାଇଥିବେ ଭାବି ନନ୍ଦିନୀ ଘରେ ପହଞ୍ଚି ନିଜ ୨ଝିଅଙ୍କୁ ପାଇ ନଥିଲେ। ପରିବାର ଲୋକଙ୍କ ସହ **(ପୃଷ୍ଠା-୭)**



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

କାରରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା

ପରକୀୟା ପ୍ରୀତି ସାଜିଲା କାଳ

ଅଭିଯୁକ୍ତ ସ୍ୱାମୀ କୋଲକାତାରୁ ଗିରଫ

ଭୁବନେଶ୍ୱର,୪।୧୦ (ସକାଳ ଖବର): ଗତ ସୋମବାର ଭୁବନେଶ୍ୱର ସାମନ୍ତରାପୁର ଅଂଚଳରୁ ରାସ୍ତାରେ ରଖାଯାଇଥିବା ଗାଡିରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ଅଭିଯୁକ୍ତ ସ୍ୱାମୀ ସଂଗ୍ରାମ ଆଇଚ ଗିରଫ ହୋଇଛନ୍ତି। କମିଶନରେଟ୍ ପୋଲିସ୍ ର ସ୍ପେଶାଲ ସ୍କ୍ୱାର୍ଡ ତାଙ୍କୁ କୋଲକାତାରୁ ଗିରଫ କରିଛି। ଏହାସହ ମୃତ ମହିଳା ତନୁଜାଙ୍କ ୫ ବର୍ଷର ପୁଅକୁ ପୋଲିସ୍ ଉଦ୍ଧାର କରିଛି। ପୋଲିସ୍ ସଂଗ୍ରାମଙ୍କୁ ଟ୍ରାଂଜିଟ୍ ରିମାଣ୍ଡରେ ଆଣି ପଚରାଉଚରା କରିବ । ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି ଯେ ଗାର୍ଲଫ୍ରେଣ୍ଡଙ୍କୁ ନେଇ ସଂଗ୍ରାମ ଆଇଚ ଓ ପତ୍ନୀ ତନୁଜାଙ୍କ ମଧ୍ୟରେ ନିୟମିତ କଳହ ଲାଗୁଥିଲା। ଗତ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସଂଗ୍ରାମ ପତ୍ନୀ ତନୁଜାଙ୍କୁ ମାଡ଼ ମାରିବା ସହ ତାଙ୍କ ନାକ ଓ ପାଟିକୁ ଚାପି ବନ୍ଦ କରି ଦେଇଥିଲା। ଏଥିରେ ତନୁଜା ସଜ୍ଞାହୀନ ହୋଇଯାଇଥିଲେ। ଅବସ୍ଥା ଗୁରୁତର ହୋଇପଡ଼ିବାରୁ ନିଜ ଗାର୍ଲଫ୍ରେଣ୍ଡକୁ ସଂଗ୍ରାମ ଡକାଇଥିଲା। ତା'ପରେ ଗାର୍ଲଫ୍ରେଣ୍ଡଙ୍କ ସହ ସଂଗ୍ରାମ ଓ ତାଙ୍କ ପୁଅ ତନୁଜାଙ୍କୁ ପ୍ରଥମେ କାରରେ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ହେଲେ ସେଠାରେ ଚିକିତ୍ସା ନକରାଇ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତନୁଜାଙ୍କୁ ମୃତ ଘୋଷଣା କରିଥିଲେ। ତନୁଜା ମୃତ ବୋଲି ଜାଣିବା ପରେ ସଂଗ୍ରାମ ଓ ତାଙ୍କ ଗାର୍ଲଫ୍ରେଣ୍ଡ ଉପାୟଶୂନ୍ୟ ହୋଇପଡ଼ିଥିଲେ। ଶେଷରେ ମୃତଦେହକୁ ଠିକଣା ଲଗାଇବାକୁ ସେମାନେ ଯୋଜନା କରିଥିଲେ। ଗାର୍ଲଫ୍ରେଣ୍ଡ ହଷ୍ଟେଲରେ ରହିଯିବା ସହ ତନୁଜାଙ୍କ ମୋବାଇଲ ଫୋନକୁ ନିଜ ପାଖରେ ଲୁଚାଇ ରଖିଥିଲେ। ମୃତଦେହ **(ପୃଷ୍ଠା-୭)**

ବାଇକ-ବୋଲେରୋ ଧକ୍କା

୨ ମୃତ

ନୂଆପଡା, ୪।୧୦ (ସକାଳ ଖବର): ନୂଆପଡା ଜିଲ୍ଲା ଖଡିଆଳ-ଭବାନୀପାଟଣା ୧୬ ନମ୍ବର ରାଜ୍ୟ ରାଜପଥର ରିଷିଗାଁ ପାଖରେ ଏକ ବାଇକ ଏବଂ ବଲେରୋ ମୁହାଁମୁହିଁ ହେବାରୁ ୨ ଜଣ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଯାଇଛି । ଘଟଣାରୁ ପ୍ରକାଶ ଯେ ରାୟଗଡା ଜିଲ୍ଲା ଦରାଗୁଡା ଥାନା ଉଛେପଦର ଗ୍ରାମର ବିନୋଦ ମାଝୀ (୨୫) ଓ ମକର ଝାଡିଆ (୧୯) ଏକ ବାଇକ ନମ୍ବର ଓଡି - ୦୮ -୬୪୧୨ ଯୋଗେ ଖଡିଆଳ ପଟକୁ ଆସୁଥିଲେ । ଖଡିଆଳ ଆସୁଥିବା ବେଳେ ରାଜ୍ୟ ରାଜପଥ ୧୬ ନମ୍ବର ରିଷିଗାଁ ଗ୍ରାମ ପାଖରେ ଏକ ବୋଲେରୋ ବିପରୀତ ଦିଗ ଖଡିଆଳ ପଟୁ ଭବନୀପାଟଣା ଯାଉଥିବା ଏକ ବୋଲେରୋ ଧକ୍କା ଦେଇଥିଲା । ଯାହାଫଳରେ ୨ ଜଣ ବାଇକ ଆରୋହୀ **(ପୃଷ୍ଠା-୭)**

ପ୍ରାଥମିକ ଶିକ୍ଷକଙ୍କ ଦରମା ବଢ଼ିବ

ଦାବି ମାନିଲେ ସରକାର

ଭୁବନେଶ୍ୱର,୪।୧୦ (ସକାଳ ଖବର): ରାଜ୍ୟ ସରକାର ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକ ମହାସଂଘର ଦାବି ମାନିଛନ୍ତି। ଗ୍ରେଡ୍ ପେ ୨୨୦୦ ଟଙ୍କାରୁ ୨୮୦୦ ଟଙ୍କାକୁ ବୃଦ୍ଧି କରିବା ଏବଂ କ୍ୟାଡର ପୁର୍ନଗଠନ ଦାବିକୁ ମଧ୍ୟ ସରକାର ମାନି ନେଇଛନ୍ତି। ଏହାସହ ହେଡ୍ ମାଷ୍ଟର ପଦବୀ ୯ହଜାରରୁ ୧୨ ହଜାର ବୃଦ୍ଧି ଦାବକୁ ମଧ୍ୟ ସରକାର ମାନିଛନ୍ତି ।କ୍ୟାଡର ପୁର୍ନଗଠନକାର୍ଯ୍ୟକାରୀ ହେଲେ ରାଜ୍ୟରେ କାର୍ଯ୍ୟ କରୁଥିବା ୭୨ ହଜାର ୫୬୩ ଜଣ ପ୍ରାଥମିକ ଶିକ୍ଷକ ବିଶେଷ ଭାବେ ଉପକୃତ ହେବେ। ଏସମ୍ପର୍କରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯିବ ବୋଲି ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ପ୍ରକାଶ କରିଛନ୍ତି। କ୍ୟାଡରରେ ପରିବର୍ତ୍ତନ ଆଣି ସେମାନଙ୍କ ଚାକିରୀ କାଳ ମଧ୍ୟରେ ଅତି କମରେ ୩ଟି ପିରବର୍ତନ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଦାବି ପୂରଣ ନେଇ ଶିକ୍ଷକ ସଂଘ ଓ ମୁଖ୍ୟମନ୍ତ୍ରୀ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହିତ ସଚିବାଳୟ ଠାରେ ଆଲୋଚନା ହୋଇଥିଲା । ଆଲୋଚନା ପରେ ଶିକ୍ଷକଙ୍କ ଦାବି ପୂରଣ ନେଇ ସଚିବ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମହାରଣା କହିଛନ୍ତି। ଏହି ନିଷ୍ପତି ଅନୁସାରେ ଏଲିମେଂଟାରୀ କ୍ୟାଡରରେ ବରିଷ୍ଠ ଶିକ୍ଷକ, ଶିକ୍ଷକ ଏବଂ ବରିଷ୍ଠ ପ୍ରଧାନ ଶିକ୍ଷକ ପଦବୀ ସୃଷ୍ଟି କରାଯିବ । ଏହା ସହ ଲେବୁଲ-୪ ଓ ଲେବୁଲ-୨ ପଦବୀ ସଂଖ୍ୟା ଯଥେଷ୍ଟ ବଢାଇ ଦିଆଯାଇଛି ଏବଂ ବେତନ ହାରରେ ବୃଦ୍ଧି ମଧ ଘଟିଛି। ଶ୍ରୀ ମହାରଣା କହିଛନ୍ତି ଯେ ଏନସିଟିଇ ଗାଇଡ୍ ଲାଇନ୍ ଅନୁସାରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କର ପଦବୀ ମାଟ୍ରିକ ସିଟିରୁ ଯୁକ୍ତ ୨ ସିଟିକୁ ଅପଗ୍ରେଡ଼ କରି ମୂଳ ଦରମା ସହ ୨୮୦୦ ଗ୍ରେଡ୍ ଦେବା, କନିଷ୍ଠ ଶିକ୍ଷକମାନଙ୍କ ମୂଳ ଦରମାର ୨୫ ପ୍ରତିଶତ ବୃଦ୍ଧି ସହ **(ପୃଷ୍ଠା-୭)**

ହୁଣ୍ଡିର ଆୟ (୪.୧୦.୧୮)
୧,୨୯,୨୯୫

ପୁଣି କେରଳକୁ ମାଡ଼ି ଆସୁଛି ବାତ୍ୟା

- ସମଗ୍ର ରାଜ୍ୟରେ ହାଇଆଲର୍ଟ ଜାରି
- ଖୋଲାଗଲା ନଦୀବନ୍ଧର ଗେଟ୍

ତିରୁଅନନ୍ତପୁରମ,୪।୧୦: ଆରବ ସାଗରରେ ସୃଷ୍ଟି ଘୂର୍ଣ୍ଣି ବଳୟ ପ୍ରଭାବରେ ଆସନ୍ତାକାଲି କେରଳ, ତାମିଲନାଡୁ ଓ ପୁଡୁଚେରୀ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଏହା ସହିତ ମୁତାବକ କର୍ଣ୍ଣାଟକ, ଆଣ୍ଡାମାନ ଓ ନିକୋବର, ଲକ୍ଷାଦ୍ୱୀପରେ ମଧ୍ୟ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଘୂର୍ଣ୍ଣି ବଳୟ ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇ ପଡ଼ିଛି । **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick